# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**19 March - 2024**

**News Editor : *Tapan Kumar Moharana***

**********************************

## ମୁଖ୍ୟ ସମ୍ବାଦ

- ଦେଶରେ ନାଗରିକତା ସଂଶୋଧନ ଆଇନ୍ ଲାଗୁ ଉପରେ ରହିତାଦେଶ ଦେବାକୁ ମନାକଲେ ସୁପ୍ରିମ୍‌କୋର୍ଟ
- କାର୍ଯ୍ୟକ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗକୁ ଗୁରୁତ୍ୱ ଦେବା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ପରାମର୍ଶ ଦେଲେ ରାଷ୍ଟ୍ରପତି
- ପାରାଦ୍ୱୀପ ସମୁଦ୍ରରେ ବ୍ଲାକ୍ ରୋଜ୍ ବୁଡ଼ି ମାମଲାରେ ଓଡ଼ିଶା ହାଇକୋର୍ଟରେ ସିବିଆଇର ସତ୍ୟପାଠ ଦାଖଲ

ଏବଂ

- ରାଜ୍ୟର ୨୪ଟି ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ରହିବା ନେଇ ପାଣିପାଗ କେନ୍ଦ୍ରର ସୂଚନା;

— ସତର୍କ ରହିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଲେ ସ୍ୱତନ୍ତ୍ର ରିଲିଫ୍ କମିଶନର

## ସଂଶୋଧନ ଆଇନ୍-ସୁପ୍ରିମ୍‌କୋର୍ଟ

ନାଗରିକତା ସଂଶୋଧନ ଆଇନ୍ ଲାଗୁ ଉପରେ ରହିତାଦେଶ ଦେବାକୁ ସୁପ୍ରିମକୋର୍ଟ ମନା କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଆଜି ଏହି ମାମଲାର ଶୁଣାଣି କରି ଏହି ରାୟ ଦେଇଛନ୍ତି। ଦେଶରେ ନାଗରିକତା ସଂଶୋଧନ ଆଇନ୍ ଲାଗୁ ନ କରିବା ନେଇ ସୁପ୍ରିମକୋର୍ଟରେ ଆବେଦନ ହୋଇଥିବା ୨୩୭ଟି ପିଟିସନ୍‌ର ଶୁଣାଣି କରି ଖଣ୍ଡପୀଠ ଆସନ୍ତା ୩ ସପ୍ତାହ ମଧ୍ୟରେ ଜବାବ୍ ଦେବାପାଇଁ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ଆସନ୍ତା ମାସ ୯ ତାରିଖ ଦିନ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ନାଗରିକତା ସଂଶୋଧନ ଆଇନକୁ ବିରୋଧ କରି ଭାରତୀୟ ମୁସ୍‌ଲିମ୍ ଲିଗ୍, କଂଗ୍ରେସ ନେତା ଜୟରାମ ରମେଶ୍, ତୃଣମୂଳ କଂଗ୍ରେସ୍ ନେତ୍ରୀ ମହୁଆ ମିତ୍ରଙ୍କ ସହିତ ଅନ୍ୟମାନେ ସୁପ୍ରିମ୍‌କୋର୍ଟରେ ମାମଲା ଦାଏର କରିଥିଲେ।

## ପ୍ରଶାସନିକ ସେବା-ରାଷ୍ଟ୍ରପତି

ଦକ୍ଷ ଓ ଚଳଚଞ୍ଚଳ ପ୍ରଶାସନ ପାଇଁ କାର୍ଯ୍ୟ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଶାସନିକ ସେବା ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ରାଷ୍ଟ୍ରପତି ଭବନରେ ଏକ କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଶାସନିକ ସେବା ଅଧିକାରୀମାନଙ୍କୁ ସମ୍ବୋଧିତ କରିବା ଅବସରରେ ରାଷ୍ଟ୍ରପତି କହିଛନ୍ତି, ଏକ ଦକ୍ଷ ଏବଂ ସ୍ମାର୍ଟ ପ୍ରଶାସନ ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍‌ସ-ଏଆଇ, ବ୍ଲକ୍ ଚେନ୍ ଏବଂ ବିଗ୍ ଡାଟା

ଆନାଲିଟିକ୍ସ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାରର ଆବଶ୍ୟକତା ରହିଛି ।

ସମୃଦ୍ଧ ଏବଂ ବିବିଧ ଅନୁଭୂତି ସହିତ ନୂତନ ଚିନ୍ତାଧାରା ଓ ନୂତନ ଜ୍ଞାନକୌଶଳର ମିଶ୍ରଣ ଏପରି ଏକ ପ୍ରଭାବଶାଳୀ ପରିବର୍ତ୍ତନ ଆଣିପାରିବ, ଯାହାକୁ କେହି କଳ୍ପନା ମଧ୍ୟ କରିପାରିବେ ନାହିଁ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ।

## ନିର୍ବାଚନ-ବୈଠକ

ରାଜ୍ୟରେ ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ କେନ୍ଦ୍ରୀୟ ସଶକ୍ତବାହିନୀ-ସିଏପିଏଫ୍ ଏବଂ ରାଜ୍ୟ ସଶସ୍ତ୍ର ବାହିନୀ-ଏସ୍ଏପିଏଫ୍ ମୁତୟନ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି ।  ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଦେଓରଞ୍ଜନ କୁମାର ସିଂ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ଅତିରିକ୍ତ ନିର୍ବାଚନ ଅଧିକାରୀ ଡାକ୍ତର ଏନ୍. ତିରୁମାଲା ନାଏକ, ପୁଲିସ୍ ଡିଜି, ଅରୁଣ କୁମାର ଷଡଙ୍ଗୀଙ୍କ  ସମେତ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଉପସ୍ଥିତ ଥିଲେ । ୪ଟି ପର୍ଯ୍ୟାୟରେ ଓଡ଼ିଶାରେ ହେବାକୁଥିବା ମତଦାନ ପରିପ୍ରେକ୍ଷୀରେ ଜିଲ୍ଲାଗୁଡ଼ିକରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି କିପରି ଭାବରେ ପୁଲିସ୍ ମୁତୟନ କରାଯିବ ସେ ସମ୍ପର୍କରେ ବୈଠକରେ୍ ଆଲୋଚନା ହୋଇଥିଲା । ମତଦାନ କେନ୍ଦ୍ରଗୁଡ଼ିକୁ ଇଭିଏମ୍ ଯୋଗାଣଠାରୁ ଆରମ୍ଭ କରି ଷ୍ଟ୍ରଙ୍ଗ୍ରୁମ୍ରେ କଡା ସୁରକ୍ଷା ବ୍ୟବସ୍ଥା ଏବଂ ମତଦାନ ଦିବସରେ ଶାନ୍ତି

ଶୃଙ୍ଖଳାର ସହ ଭୋଟଗ୍ରହଣ ପାଇଁ ନିଆଯିବାକୁ ଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା ।

## ନିର୍ବାଚନ-କୋଟିଆ

ଆସନ୍ତା ମେ ମାସ ୧୩ ତାରିଖ କୋରାପୁଟ ଜିଲ୍ଲାରେ ଲୋକସଭା ଏବଂ ବିଧାନସଭା ନିମନ୍ତେ ନିର୍ବାଚନ ହେବାକୁ ଯାଉଅଛି । ତେଣୁ କୋରାପୁଟ ଜିଲ୍ଲା ଏବଂ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ମିଳିତ ସହଯୋଗରେ ବିବାଦୀୟ କୋଟିଆ ପଞ୍ଚାୟତର ବିଭିନ୍ନ ସୀମାନ୍ତ ଗ୍ରାମରେ ଭୋଟରମାନଙ୍କୁ ନେଇ ମତଦାନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଭି. କୀର୍ତ୍ତିଭାଷନ୍‌ଙ୍କ ଉପସ୍ଥିତିରେ ଫାଟୁଶିନେରୀ, ମାଡର୍କା, ଗଞ୍ଜେଇପଦର ଓ କୋଟିଆ ଗ୍ରାମରେ ଭୋଟରମାନଙ୍କୁ ମତଦାନ ସମ୍ପର୍କରେ ସଚେତନ କରାଯାଇଥିଲା ।

କୋଟିଆରେ ସୁରୁଖୁରୁରେ ନିର୍ବାଚନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ମତଦାନ କେନ୍ଦ୍ରକୁ ଯାଇ ଭୋଟ ଦେବାପାଇଁ ଜିଲ୍ଲାପାଳ ଲୋକମାନଙ୍କୁ ନିବେଦନ କରିଥିଲେ ।

## ବ୍ଲାକ୍‌ରୋଜ-ସିବିଆଇ ସତ୍ୟପାଠ

ପାରାଦ୍ୱୀପ ସମୁଦ୍ରରେ ବ୍ଲାକ୍‌ରୋଜ ଜାହାଜ ବୁଡ଼ି ମାମଲାରେ ସିବିଆଇ ତରଫରୁ ଆଜି ଓଡ଼ିଶା ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି । ବ୍ଲାକ୍‌ରୋଜ୍ ବୁଡ଼ି ଘଟଣାର ତଦନ୍ତ ପାଇଁ ସିବିଆଇ ପକ୍ଷରୁ ରାଜ୍ୟ ସରକାରଙ୍କୁ ୨ଥର ଅନୁରୋଧ କରାଯାଇଥିବା ସତ୍ୟପାଠରେ ଉଲ୍ଲେଖ ରହିଛି । ଦୁଇ ସପ୍ତାହ ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାପଡିଛି ।

## ଆପଣଙ୍କ ପ୍ରାର୍ଥୀଙ୍କୁ ବାଛନ୍ତୁ ଆପ୍

ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଅପରାଧିକ ମାମଲା ବିଷୟରେ ସୂଚନା ଦେବାପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ 'ଆପଣଙ୍କ ପ୍ରାର୍ଥୀଙ୍କୁ ବାଛନ୍ତୁ' ଆପ୍ ପ୍ରସ୍ତୁତ କରାଯାଇଛି । ଏହି ଆପ୍ ସ୍ମାର୍ଟ ଫୋନ୍ ଜରିଆରେ ଉପଲବ୍ଧ ହୋଇପାରିବ । ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ସମ୍ବନ୍ଧରେ ସମସ୍ତ ତଥ୍ୟ, ନାମାଙ୍କନ ସ୍ଥିତି ଏବଂ ସତ୍ୟପାଠ ସମ୍ପୂର୍ଣ୍ଣ ତାଲିକା- ପ୍ରାର୍ଥୀ ଏଫିଡେଭିଟ୍ ପୋର୍ଟାଲ୍ **Affidavit.eci.gov.in** ମାଧ୍ୟମରେ ଭୋଟରମାନେ ପାଇପାରିବେ । ରାଜ୍ୟରେ ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ୩୦ ଜଣ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସହିତ ୨୧ ଜଣ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି । ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ୨୯୪ ଜଣ ସହକାରୀ ରିଟର୍ଣ୍ଣିଂ ଅଧିକାରୀଙ୍କୁ ନିଯୁକ୍ତି ସହିତ ତାଲିମ୍ ଦିଆଯାଇଛି । ମତଦାନ କେନ୍ଦ୍ରରେ ୨ ଲକ୍ଷ ୭୦ ହଜାର କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ । ପ୍ରତ୍ୟେକ ମତଦାନ କେନ୍ଦ୍ର ଜଣେ ପ୍ରିଜାଇଡିଂ ଅଧିକାରୀ ଏବଂ ୫ ଜଣ ପୋଲିଂ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ ।

## ଝାଡାବାନ୍ତି

ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ୍ ଅନ୍ତର୍ଗତ ଖଡଗପ୍ରସାଦ ଗ୍ରାମରେ ଝାଡାବାନ୍ତି ଦେଖାଦେଇଛି । ଖବରପାଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏ ସମ୍ପର୍କରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ଖଡଗପ୍ରସାଦ ଗ୍ରାମରେ ନଳକୂପ ଏବଂ ଅନ୍ୟାନ୍ୟ ଜଳଯୋଗାଣ ବ୍ୟବସ୍ଥା

ଥିବା ସତ୍ତ୍ୱେ କିଛି ଗ୍ରାମବାସୀ ବ୍ରାହ୍ମଣୀ ନଦର ପାଣି ସିଧାସଳଖ ବ୍ୟବହାର କରୁଛନ୍ତି। ଯେଉଁଥିପାଇଁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ସନ୍ଦେହ କରାଯାଉଛି। ଘଟଣାର ତଦନ୍ତ ଚାଲିଛି। ନଦୀପାଣି ଓ ମଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷାନିରୀକ୍ଷା କରାଯାଉଛି। ସମ୍ପ୍ରତି ଝାଡାବାନ୍ତି ସ୍ଥିତି ନିୟନ୍ତ୍ରଣକୁ ଆସିଛି ବୋଲି ଡାକ୍ତର ମିଶ୍ର କହିଛନ୍ତି।

## ଆର୍କଟିକ୍ ପ୍ରତି ବିପଦ

ବିଶ୍ୱ ତାପମାନ ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଆର୍କଟିକ୍ ସାଗରରୁ ଧିରେ ଧିରେ ବରଫର ପରିମାଣ କମିବାରେ ଲାଗିଛି। କ୍ରମାଗତଭାବେ ବିଶ୍ୱ ତାପାୟନ ବୃଦ୍ଧିର ପ୍ରଭାବ ଘନବରଫରେ ଆବୃତ୍ତ ଥିବା ଆର୍କଟିକ୍ ସାଗର ଉପରେ ପଡିବା ଯୋଗୁଁ ମୁକ୍ତ ବିଚରଣ କରୁଥିବା ସାମୁଦ୍ରିକ ଜୀବମାନଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି।

ଏକ ଆନ୍ତର୍ଜାତୀୟ ପତ୍ରିକା **ନେଚର ରିଭ୍ୟୁ ଅନ୍ ଆର୍ଥ ଏଣ୍ଡ ଏନ୍‌ଭର୍ଣ୍ଣମେଣ୍ଟ**ରେ ପ୍ରକାଶ ପାଇଥିବା ଏକ ତଥ୍ୟ ଅନୁସାରେ ଆଗାମୀ ୧୦ ବର୍ଷ ମଧ୍ୟରେ ଆର୍କଟିକ୍ ବରଫ ଶୂନ୍ୟ ହୋଇଯିବ। ସେହିପରି ଆମେରିକାର କଲରାଡୋ ୟୁନିଭରସିଟି ଗବେଷକଙ୍କ ଅନୁଯାୟୀ, ଆସନ୍ତା ୨୦୩୦ ଅଗଷ୍ଟ ଶେଷ ସୁଦ୍ଧା କିମ୍ବା ସେପ୍ଟେମ୍ବର ପ୍ରାରମ୍ଭରେ ଆର୍କଟିକ୍ ସାଗର ବରଫମୁକ୍ତ ହେବ। ସମୁଦ୍ରର ୧୦ ଲକ୍ଷ କିମିରୁ କମ୍ ଅଂଶରେ ବରଫ ରହିଲେ ତାହାକୁ 'ବରଫ ମୁକ୍ତ' ବୋଲି କୁହାଯାଇଥାଏ। ଆର୍କଟିକ୍‌ରେ ୩୩ ଲକ୍ଷ ବର୍ଗ କିମି କ୍ଷେତ୍ରରେ ବରଫ ଥିବା ରେକର୍ଡ କରାଯାଇଥିଲା। ତେବେ କିଛି ବର୍ଷ ହେଲା

ସେପ୍ଟେମ୍ବର ମାସରେ ଆର୍କଟିକ୍ ସାଗରରେ ବରଫ ସ୍ତର ହ୍ରାସ ପାଇବାରେ ଲାଗିଛି ।

ଏଭଳି ସ୍ଥିତି ଲାଗି ରହିଲେ ଧଳା ଚାଦର ବିଛାଇ ହୋଇ ରହୁଥିବା ଆର୍କଟିକ୍ ସାଗରର ଜଳ ସମ୍ପୂର୍ଣ୍ଣ ନୀଳ ପାଲଟିଯିବ । ସମୁଦ୍ର ବରଫ ଉପରେ ନିର୍ଭରଶୀଳ ଆର୍କଟିକ୍ ଭାଲୁ, ସିଲ୍ ମାଛଙ୍କ ଜୀବନ ପ୍ରତି ବିପଦ ଦେଖାଦେବ । ସମୁଦ୍ର ପଛକୁ ଘୁଞ୍ଚି ଘୁଞ୍ଚି ଯିବା ସହିତ ଲହଡି ବୃଦ୍ଧି ପାଇବ ବୋଲି ପତ୍ରିକାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ।

# ପାଣିପାଗ

ବଙ୍ଗୋପସାଗରରେ ପଶ୍ଚିମା ବାୟୁ ପ୍ରବାହ ଏବଂ ନିମ୍ନ ଚାପରେଖା ସୃଷ୍ଟି ଯୋଗୁଁ ପାଣିପାଗରେ ପରିବର୍ତ୍ତନ ଦେଖାଯାଇଛି । କାଳବୈଶାଖୀ ଯୋଗୁଁ ଆଜି ଓ ଆସନ୍ତାକାଲି  ଦୁଇଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡଘଡ଼ି ସହ ପ୍ରବଳ ବର୍ଷା ଓ କୁଆପଥର ମାଡ ହେବା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । ଆଜି କଟକ-ଭୁବନେଶ୍ୱର ଦ୍ୱୈତ ନଗରୀ ସମେତ ଅଧିକାଂଶ ସ୍ଥାନରେ କୋହଲା ପାଗ ସାଙ୍ଗକୁ ବର୍ଷା ଲାଗି ରହିଛି । ସୁନ୍ଦରଗଡ, ଝାରସୁଗୁଡା, କନ୍ଧମାଳ, ବାଲେଶ୍ୱର ଜିଲ୍ଲାର କେତେକ ସ୍ଥାନରେ ଝଡ଼ବର୍ଷା ହୋଇଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଫଳରେ ଗତ କିଛି ଦିନର ତାତି ପରେ ରାଜ୍ୟରେ ପାରଦ ତଳକୁ ଖସିଛି ।

ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଗାମୀ ଦୁଇଦିନ କାଳବୈଶାଖୀର ପ୍ରଭାବ ବୃଦ୍ଧି ପାଇବ। କେତେକ ସ୍ଥାନରେ କୁଆପଥର ବର୍ଷା ଏବଂ ଖୁବ୍ ଜୋର୍‌ରେ ପବନ ବହିବା ସହିତ ଝଡ଼ବର୍ଷାର ସମ୍ଭାବନା ଅଛି ।

୨୪ଟି ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ରହିବ ଏବଂ ଆସନ୍ତାକାଲି ରାଜ୍ୟର ଉପକୂଳ ଏବଂ ଦକ୍ଷିଣ ଭାଗରେ ଏହାର ପ୍ରଭାବ ଅଧିକ ରହିବ। ଆସନ୍ତାକାଲି କଟକ, ନୟାଗଡ଼, କନ୍ଧମାଳ, ଢେଙ୍କାନାଳ ଏବଂ ଯାଜପୁର ଜିଲ୍ଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

କାଳବୈଶାଖୀଜନିତ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିସହିତ ସରକାରଙ୍କୁ ତୁରନ୍ତ କ୍ଷୟକ୍ଷତି ରିପୋର୍ଟ ଦେବାପାଇଁ କୁହାଯାଇଛି।

କାଳବୈଶାଖୀର ପ୍ରଭାବ କମିବା ପରେ ୨୨ ତାରିଖରୁ ତାପମାତ୍ରା ବୃଦ୍ଧି ପାଇବା ସହ ପାଣିପାଗରେ ପରିବର୍ତ୍ତନ ହେବ ବୋଲି ପାଣିପାଗ ବିଜ୍ଞାନୀମାନେ ଅନୁମାନ କରିଛନ୍ତି।

********************************